ଓଡ଼ିଶା ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
# ନ୍ୟୁଜ୍‌ଲେଟର

ବର୍ଷ-୫ ■ ସଂଖ୍ୟା - ୩୭ ଜାନୁଆରୀ ୨୦୨୪

## ଭିତର ପୃଷ୍ଠାରେ


- BSKY ଯୋଜନାରେ ଦୁର୍ଘଟଣା ପୀଡ଼ିତଙ୍କୁ ଚିକିତ୍ସା ସହାୟତା
- ବସ୍ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟର ହାତ ବଢାଇଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୨
- ମୃତଦେହ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତରଣ
- ଶୋକସନ୍ତପ୍ତ ପରିବାରକୁ ସହାୟତା

ପୃଷ୍ଠା-୩
- ଅବହେଳିତ ଅବସ୍ଥାରେ ପଡ଼ିଥିବା ଅଜଣା ବ୍ୟକ୍ତିଙ୍କୁ ସହାୟତା
- ସାହିଲଙ୍କ ପରିବାରକୁ ବିଶାଖାପାଟଣାରେ ସାହାଯ୍ୟ କଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୪
- ଏକମାତ୍ର ଝିଅର ଅନ୍ତିମ ସଂସ୍କାରରେ ଅନ୍ଧୁଣୀ ମା' ପାଖରେ ଛିଡ଼ା ହେଲା ଓଡ଼ିଶା-ମୋ ପରିବାର
- ବାସହୀନ ବ୍ୟକ୍ତିର ମୃତ୍ୟୁରେ ଓଡ଼ିଶା-ମୋ ପରିବାରର ଶ୍ରଦ୍ଧାଞ୍ଜଳୀ

ପୃଷ୍ଠା-୫
- ପୁରୀକୁ ମୃତଦେହ ସ୍ଥାନାନ୍ତରଣ, ଓଡ଼ିଶା-ମୋ ପରିବାରର ସହାୟତା
- ମୃତଦେହ ସ୍ଥାନାନ୍ତରଣରେ ଯାତାୟାତ ସହାୟତା

ପୃଷ୍ଠା-୬
- ଅନ୍ତିମ ସଂସ୍କାର ପାଇଁ ମୃତଦେହକୁ ଜନ୍ମମାଟିକୁ ପଠାଇଲା ଓଡ଼ିଶା-ମୋ ପରିବାର
- କଟକରୁ ଜଗତସିଂହପୁରକୁ ମୃତଦେହ ସ୍ଥାନାନ୍ତରଣ ପାଇଁ ସହାୟତା
- ଓଡ଼ିଶା-ମୋ ପରିବାର ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର

ପୃଷ୍ଠା-୭
- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୮
- ଆପାତକାଳରେ ରକ୍ତଦାନ

ପୃଷ୍ଠା-୧୦
- କର୍ମକ୍ଷେତ୍ରରେ ସହାନୁଭୂତି: ହେଲ୍ପଡେସ୍କ ସହଯୋଗୀମାନେ ଆବଶ୍ୟକ ସ୍ଥଳେ ନିଜେ ରକ୍ତଦାନ କରୁଛନ୍ତି

ପୃଷ୍ଠା-୧୧
- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୨
- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ ସନ୍ତୋଷଙ୍କୁ ସମ୍ବର୍ଦ୍ଧନା

ପୃଷ୍ଠା-୧୩
- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୪
- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ଜାନୁଆରୀର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୫
- ସାଧାରଣତନ୍ତ୍ର ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ପୃଷ୍ଠା-୧୬
- ନୀରବ ନାୟକ

ପୃଷ୍ଠା-୧୭

...ପୃଷ୍ଠା-୨୪ ପର୍ଯ୍ୟନ୍ତ




**କେବଳ ୪୧ ମାସରେ ସଂଗ୍ରହ ହେଲା**

**୪୦୦୦୦୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ**

ଗତ ୨୦୨୩ ରେ ସଂଗ୍ରହ ହୋଇଛି **୧ ଲକ୍ଷ** ରୁ ଉର୍ଦ୍ଧ୍ୱ

# ୪୧ ମାସରେ ଛୁଇଁଲା ୪ ଲକ୍ଷ

### ରକ୍ତ ସଂଗ୍ରହ କ୍ଷେତ୍ରରେ ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁର ଆଉ ଏକ ଉଲ୍ଲେଖନୀୟ ସଫଳତା

ଗୁରୁତର ରୋଗୀ, ଦୁର୍ଘଟଣାଗ୍ରସ୍ତ ଅସହାୟ ବ୍ୟକ୍ତି ତଥା ରକ୍ତହୀନତା ରୋଗୀମାନଙ୍କ ପାଇଁ ଓଡ଼ିଶା-ମୋ ପରିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆଶାର ଆଲୋକ ସଞ୍ଚାର କରେ ।

ଜରୁରୀକାଳୀନ ରକ୍ତ ଆବଶ୍ୟକତା ପୂରଣ କରି ମୂଲ୍ୟବାନ ଜୀବନ ରକ୍ଷା କରିବାର ଲକ୍ଷ୍ୟ ନେଇ ୨୦୨୦ ମସିହା ଅଗଷ୍ଟ ୯ ତାରିଖରେ, ଓଡ଼ିଶା-ମୋ ପରିବାର ଅଧୀନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ରାଜ୍ୟରେ ଥିବା ସମସ୍ତ ୫୬ଟି ବ୍ଲଡ଼ ବ୍ୟାଙ୍କରେ ପର୍ଯ୍ୟାପ୍ତ ପରିମାଣର ରକ୍ତ ବଜାୟ ରଖିବା ସହ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରିଥାଏ ।




ବାର୍ଷିକ ୧ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ କରିବାର ଉଦ୍ଦେଶ୍ୟରେ ଜୀବନ ବିନ୍ଦୁ କ୍ରମାଗତ ଭାବରେ ଏହାର ବାର୍ଷିକ ଲକ୍ଷ୍ୟ ହାସଲ କରିଆସୁଛି ।

ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ, ଦଳୀୟ କର୍ମୀ, ରାଜ୍ୟର ସମସ୍ତ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ତଥା କର୍ମଚାରୀ ଏବଂ ସର୍ବୋପରି ରକ୍ତଦାତା ଇତ୍ୟାଦିଙ୍କ ଉତ୍ସର୍ଗୀକୃତ ଉଦ୍ୟମ ଯୋଗୁଁ ଓଡ଼ିଶା-ମୋ ପରିବାର ୪୧ମାସରେ (୯ ଅଗଷ୍ଟ ୨୦୨୦ - ୨୩ ଜାନୁୟାରୀ ୨୦୨୪) ସମୁଦାୟ ୪ ଲକ୍ଷ ୟୁନିଟ୍ ରକ୍ତ ସଂଗୃହୀତ କରିପାରିଛି ।

ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମକୁ ସଫଳ କରିଥିବା ଯୋଗୁଁ ଓଡ଼ିଶା-ମୋ ପରିବାର ସମସ୍ତ ରକ୍ତଦାତାଙ୍କ ଅବଦାନକୁ ସମ୍ମାନ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ସେବା ଓ ସମର୍ଥନକୁ ଦୃଷ୍ଟିରେ ରଖି ଆଗକୁ ମଧ୍ୟ ଏହି ସେବା ଜାରି ରଖିବାକୁ ଓଡ଼ିଶା-ମୋ ପରିବାର ପ୍ରତିଶୃତିବଦ୍ଧ |

## ଓଡ଼ିଶା-ମୋ ପରିବାର ଦ୍ୱାରା ଚକ୍ଷୁ ପରୀକ୍ଷା ଶିବିର







ଅବଶିଷ୍ଟାଂଶ...ପୃଷ୍ଠା-୭

# BSKY ଯୋଜନାରେ ଦୁର୍ଘଟଣା ପୀଡ଼ିତଙ୍କୁ ଚିକିତ୍ସା ସହାୟତା

କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ସନ୍ଦୀପ ମହାପାତ୍ର ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ଜରୁରୀକାଳୀନ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିବାରବର୍ଗ ଆର୍ଥିକ ଚାପରେ ଥିବାରୁ ପରବର୍ତ୍ତୀ ଚିକିତ୍ସା ପାଇଁ ସନ୍ଦୀପଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ବିଜୁ ଯୁବ ଜନତା ଦଳର ସମ୍ପାଦକ ଶ୍ରୀ ଦୀପକ ମହାପତ୍ରଙ୍କର ସହାୟତା ଲୋଡ଼ିଥିଲେ।


ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଘଟଣାଗ୍ରସ୍ତ ପୀଡ଼ିତ

ଶ୍ରୀ ମହାପାତ୍ରଙ୍କ ଠାରୁ ସୂଚନା ପାଇବା ପରେ ସମ୍ ହସ୍ପିଟାଲରେ ଥିବା ଆମର ହେଲ୍ପ ଡେସ୍କ ସହଯୋଗୀ ରଶ୍ମୀ ରଂଜନ ପ୍ରଧାନ ପରିବାର ସହ ଆଲୋଚନା କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀଙ୍କୁ ଆଡ଼ମିଶନ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ। ରଶ୍ମୀ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସର୍ବଦା ପଚାରି ବୁଝୁଥିଲେ ଏବଂ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲାଙ୍କ ପ୍ରତିନିଧୀ ଶ୍ରୀ ସଞ୍ଜୟ ଅଗ୍ରୱାଲା ମଧ୍ୟ ରୋଗୀଙ୍କୁ ଦେଖିବା ପାଇଁ ହସ୍ପିଟାଲରେ ପହଞ୍ଚିଥିଲେ। ସୁସ୍ଥ ହେବା ପରେ ସନ୍ଦୀପ ଏବଂ ତାଙ୍କ ପରିବାରବର୍ଗ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ଓଡିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଥିଲେ।

# ବସ୍ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟର ହାତ ବଢାଇଲା ଓଡ଼ିଶା-ମୋ ପରିବାର

ଜାନୁୟାରୀ ୨ ତାରିଖ ସକାଳ ପ୍ରାୟ ୮ଟା ସମୟରେ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏକ ଘରୋଇ ବସ୍ ଏବଂ ଏକ ଟ୍ରକ୍ ଧକ୍କା ହେବା ପରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ପୋଲିସର ସୂଚନାନୁସାରେ ଘନ କୁହୁଡ଼ି ଯୋଗୁଁ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା।

୪୦ ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବସ୍ ଚାନ୍ଦବାଲିରୁ କଟକ ଅଭିମୁଖେ ଯାତ୍ରା କରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ଯାତ୍ରୀମାନଙ୍କୁ ନିଶ୍ଚିନ୍ତକୋଇଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ବିଳମ୍ବିତ ରାତିରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା।


କଟକ ବଡ଼ ମେଡ଼ିକାଲରେ ଦୁର୍ଘଟଣାଗ୍ରସ୍ତଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଛନ୍ତି ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ

କଟକରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ପରିସ୍ଥିତି ବିଷୟରେ ଜାଣିବା ପରେ ଡାକ୍ତରଖାନାକୁ ଯାଇଥିଲେ ଏବଂ ଆହତ ରୋଗୀ ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ।

# ମୃତଦେହ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତରଣ

କେନ୍ଦ୍ରାପଡ଼ା ଜିଲ୍ଲା ତରାପୁର ଅଞ୍ଚଳର ୪୩ବର୍ଷିୟ ଭାଗୀରଥୀ ବେଉରା ଯକୃତ ଜଣ୍ଡିସରେ ପୀଡ଼ିତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଆର୍ଥିକ ଚାପରେ ଥିବା ପରିବାରବର୍ଗ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ। ସଙ୍ଗେ ସଙ୍ଗେ, କଟକ ବଡ଼ ମେଡ଼ିକାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସ ପରିବାରବର୍ଗଙ୍କୁ ପୋଷ୍ଟମର୍ଟମ ଏବଂ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

ଏହି ମୃତଦେହକୁ ହସ୍ପିଟାଲରୁ କେନ୍ଦ୍ରାପଡାସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ପରିବାରକୁ ସହାୟତା ଯୋଗାଇ ଦେଇଥିଲେ ।

# ଶୋକସନ୍ତପ୍ତ ପରିବାରକୁ ସହାୟତା

ଝାରସୁଗୁଡା ବାସିନ୍ଦା ୨୮ବର୍ଷିୟ ବୀରେନ୍ଦ୍ର ସାହୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ଯାଇଥିଲେ। ତାଙ୍କୁ ମେଡିସିନ୍ ୱାର୍ଡରେ ଭର୍ତ୍ତି କରାଯାଇଥିଲା, ସ୍ୱାସ୍ଥ୍ୟ ପରୀକ୍ଷଣରୁ ଜଣାପଡିଥିଲା ଯେ ସେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଅଛନ୍ତି । ରୋଗୀଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଆମର ହେଲ୍ପଡେସ୍କ ସହଯୋଗୀ ଧିରେନ୍ଦ୍ର ସୁନା ତୁରନ୍ତ ଆଇସିୟୁରେ ଏକ ଶଯ୍ୟା ପାଇଁ ବ୍ୟବସ୍ଥା କରିଥିଲେ। ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ବୀରେନ୍ଦ୍ରଙ୍କର ଦେହାନ୍ତ ହୋଇଥିଲା। ଆର୍ଥିକ ଚାପରେ ଥିବା ପରିବାରବର୍ଗ ଜିଲ୍ଲା ଉପାଧ୍ୟକ୍ଷ ଶ୍ରୀ ଅଶୋକ କୁମାର ମହାକୁଡ଼ଙ୍କ ନିକଟରେ ପହଞ୍ଚି ଅନ୍ତିମ ରୀତିନୀତି ପାଇଁ ବୀରେନ୍ଦ୍ରଙ୍କ ମୃତଦେହକୁ ନିଜ ଜନ୍ମସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସହାୟତା ଲୋଡ଼ିଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଶ୍ରୀ ମହାକୁଡ଼ଙ୍କ ମାଧ୍ୟମରେ ସୂଚନା ପାଇବା ପରେ ଧିରେନ୍ଦ୍ର ପରିବାରବର୍ଗଙ୍କ ପାଖରେ ପହଞ୍ଚି ମୃତଦେହକୁ ହସ୍ପିଟାଲରୁ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।

# ଅବହେଳିତ ଅବସ୍ଥାରେ ପଡ଼ିଥିବା ଅଜଣା ବ୍ୟକ୍ତିଙ୍କୁ ସହାୟତା

ଜଣେ ଅଜଣା ବ୍ୟକ୍ତି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ପରିସରରେ ମୁମୂର୍ଷ ଅବସ୍ଥାରେ ପଡ଼ିଥିବାର ଆମର ହେଲ୍ପଡେସ୍କ ସହଯୋଗୀ ଶୁଭମ୍ ଭଞ୍ଜ ଦେଖିଥିଲେ । ତୁରନ୍ତ ଉକ୍ତ ବ୍ୟକ୍ତିଙ୍କୁ ସେ ଜରୁରୀକାଳୀନ ଚିକିତ୍ସା ବିଭାଗକୁ ନେଇଗଲେ ଯେଉଁଠାରେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶୁଭମ୍ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଗୋଟିଏ ଦିନ ତାଙ୍କୁ ହସ୍ପିଟାଲରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସେ କିଡ଼ନୀ ରୋଗରେ ପୀଡ଼ିତ ଥିବାର ଜଣାପଡ଼ିଥିଲା । ପରବର୍ତ୍ତୀ ଚିକିତ୍ସା ପାଇଁ ଡାକ୍ତର ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଶୁଭମ୍ ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ଯାତାୟାତ ବ୍ୟବସ୍ଥା କରିଥିଲେ ଏବଂ ରୋଗୀଙ୍କୁ ସେଠାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ପାଇଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସଙ୍କ ସହ ସମନ୍ୱୟ ରକ୍ଷା କରିଥିଲେ ।




ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ସାହିଲଙ୍କ ପରିବାରକୁ ବିଶାଖାପାଟଣାରେ ସାହାଯ୍ୟ କଲା ଓଡ଼ିଶା-ମୋ ପରିବାର

କୋରାପୁଟ ଜିଲ୍ଲାର ଜଣେ ୧୪ବର୍ଷିୟ ବାଳକ ସାହିଲ ଟାକ୍ରି ନିକଟସ୍ଥ ଏକ ନଦୀରେ ନିଜ ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହେବା ପରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହି ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ପରିବାରବର୍ଗଙ୍କ ପାଖରେ ଉପସ୍ଥିତ ରହି ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେଇଥିଲେ।




ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ପରେ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସାହିଲଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ବିଶାଖାପାଟଣାର ମେଡିକୋଭର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ବୈକୁଣ୍ଠ ପରିବାରବର୍ଗଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ବିଶାଖାପାଟଣାରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରାଙ୍କ ସହ ସେ ଏହି ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

ପ୍ରକାଶ ସାହିଲଙ୍କୁ ବିଶାଖାପାଟଣାରେ ଆବଶ୍ୟକୀୟ ସହାୟତା ଯୋଗାଇବା ସହିତ ଆଡ଼ମିଶନ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ। ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ସାହିଲଙ୍କ ଦେହାନ୍ତ ହୋଇଥିଲା। ପରିବାରର ଅନୁରୋଧ କ୍ରମେ ପ୍ରକାଶ ସାହିଲଙ୍କ ମୃତଦେହକୁ କୋରାପୁଟସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।

# ଏକମାତ୍ର ଝିଅର ଅନ୍ତିମ ସଂସ୍କାରରେ ଅନ୍ଧୁଣୀ ମା' ପାଖରେ ଛିଡ଼ା ହେଲା ଓଡ଼ିଶା-ମୋ ପରିବାର

ବସ୍ ଯୋଗେ ନୟାଗଡ଼ ଅଭିମୁଖେ ଯାତ୍ରା କରୁଥିବାବେଳେ ଦଶପଲ୍ଲା ଅଞ୍ଚଳର ଜଣେ ୩୮ ବର୍ଷିୟା କଳାକାର ରାମାମଣି ଦାସ, ଯିଏକି ଦୀର୍ଘ ୨୦ବର୍ଷ ଧରି ଗ୍ରାମାଞ୍ଚଳରେ ମଞ୍ଚ କଳାକାର ଭାବରେ ଅଭିନୟ କରି ନିଜ ଗୁଜୁରାଣ ମେଣ୍ଟାନ୍ତି, ସେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସହ-କଳାକାରମାନେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ, ରାସ୍ତାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ପରିବାରରେ ତାଙ୍କ ଅନ୍ଧୁଣୀ ମାଆକୁ ଛାଡିଦେଲେ ତାଙ୍କର ଆଉ କେହି ନାହାଁନ୍ତି ଏବଂ ତାଙ୍କ ମାଆ ବହୁଦିନ ହେବ ପକ୍ଷାଘାତ ରୋଗରେ ପୀଡିତ ମଧ ଥିଲେ । ରାମାମଣି ହିଁ ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ ଓ ସ୍ୱଳ୍ପ ରୋଜଗାର କରି ମା'ର ଚିକିତ୍ସା କରୁଥିଲେ । ଭାଗ୍ୟର ବିଡମ୍ବନା, ତାଙ୍କ ମାଆ ଶେଷରେ ବେସାହାରା ହୋଇଗଲେ । ଶେଷକୃତ୍ୟ ନିମନ୍ତେ



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ମୃତଦେହକୁ ଡାକ୍ତରଖାନାରୁ ଦଶପଲ୍ଲାସ୍ଥିତ ନିଜ ବାସଭବନ ସ୍ଥାନାନ୍ତର କରିବା ପାଇଁ ତାଙ୍କ ମାଆ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ ।

ଏହି ପରିପ୍ରେକ୍ଷୀରେ, ତାଙ୍କ ଅସହାୟତା ସମ୍ପର୍କରେ ବିଜୁ ଜନତା ଦଳ ସାଂସ୍କୃତିକ ସଂଯୋଜକ ଶ୍ରୀ ପ୍ରବୀର ମହାନ୍ତି ଜାଣିବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା- ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ। ଏହାପରେ ଘଟଣା ସମ୍ପର୍କରେ ଓଡ଼ିଶା- ମୋ ପରିବାର ଆବାହକଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ମହାପ୍ରୟାଣ ଗାଡ଼ି ମାଧ୍ୟମରେ ଦଶପଲ୍ଲାସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମସ୍ତ ପ୍ରକ୍ରିୟାକୁ ହେଲ୍ପଡେସ୍କ ସହଯୋଗୀ ଜ୍ୟୋତି ସଂଯୋଜନା କରିଥିଲେ ।

# ବାସହୀନ ବ୍ୟକ୍ତିର ମୃତ୍ୟୁରେ ଓଡ଼ିଶା-ମୋ ପରିବାରର ଶ୍ରଦ୍ଧାଞ୍ଜଳୀ

କିଛି ଲୋକ କୋଟପାଡ଼ ଅଞ୍ଚଳର ରାସ୍ତାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ, ଅସହାୟ ଅବସ୍ଥାରେ ଦେଖି ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷଣ ପରେ,ସେହି ବ୍ୟକ୍ତି ସ୍ନାୟୁଗତ ରୋଗରେ ପୀଡ଼ିତ ଥିବାର ଜଣାପଡ଼ିଥିଲା । ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଭାଗ୍ୟବଶତଃ, ଗତ ଜାନୁଆରୀ ୭ ତାରିଖରେ ସେ ଚିକିତ୍ସିତ ହେଉଥିବାବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଯେହେତୁ ମୃତଦେହକୁ ନେବା ପାଇଁ କୌଣସି ଦାବିଦାର ନ ଥିଲେ, ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦିଆଯାଇଥିଲା।


ଶେଷକୃତ୍ୟ ସମୟରେ ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ସହାୟତା ଯୋଗାଇ ଦେଉଛନ୍ତି

ପୋଲିସଠାରୁ ସୂଚନା ପାଇବା ପରେ ଆମର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ହସ୍ପିଟାଲରେ ପହଞ୍ଚିଥିଲେ। ସେ ମୃତକଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ ଏବଂ ମୃତକ ଜୟପୁରର ବାସିନ୍ଦା ରାମେଶ୍ୱର ଷଡ଼ଙ୍ଗୀ ବୋଲି ଜଣାପଡିଥିଲା । ଏଥିସହ ତାଙ୍କ ଝିଅ ହସ୍ପିଟାଲରେ ପହଞ୍ଚି ତାଙ୍କ ମୃତ ପିତାଙ୍କୁ ଚିହ୍ନଟ କରିଥିଲେ।

ମୃତକଙ୍କ ଝିଅଙ୍କ ଅନୁରୋଧ କ୍ରମେ ବୈକୁଣ୍ଠ ଶେଷ ରୀତିନୀତି ନିମନ୍ତେ ମୃତଦେହକୁ ହସ୍ପିଟାଲରୁ ଶ୍ମଶାନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।

# ପୁରୀକୁ ମୃତଦେହ ସ୍ଥାନାନ୍ତରଣ, ଓଡ଼ିଶା-ମୋ ପରିବାରର ସହାୟତା

ଛାତିରେ ଯନ୍ତ୍ରଣା ଭୋଗୁଥିବା ପୁରୀ ଜିଲ୍ଲାର ୫୦ବର୍ଷିୟ ବାସିନ୍ଦା ନୃସିଂହ ନାୟକ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ରଂଜନ ସାହୁ ଏବଂ ଜ୍ୟୋତି ରଂଜନ ପ୍ରଧାନ ରୋଗୀ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ, ହୃଦଘାତ ହେତୁ ନୃସିଂହ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଶୋକସନ୍ତପ୍ତ ପରିବାରବର୍ଗ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଆର୍ଥିକ ଚାପରେ ଥିଲେ ଏବଂ ଏହା ଜାଣିବା ପରେ ଆମର ହେଲ୍ପଡେସ୍କ ସହଯୋଗୀମାନେ ଡାକ୍ତରଖାନାରୁ ପୁରୀସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଆବଶ୍ୟକ ସମୟରେ ସେମାନଙ୍କ ପାଖରେ ଛିଡ଼ା ହୋଇଥିବାରୁ ପରିବାରବର୍ଗ ଆଲୋକ ଏବଂ ଜ୍ୟୋତିଙ୍କୁ ଅଶେଷ କୃତଜ୍ଞତା ଜଣାଇଥିଲେ।

# ମୃତଦେହ ସ୍ଥାନାନ୍ତରଣରେ ଯାତାୟାତ ସହାୟତା

ପୁରୀ ଜିଲ୍ଲା ଜମାଲଗୋଡ଼ା ସହରର ୧୬ବର୍ଷିୟ ଝିଅ ଲକ୍ଷ୍ମୀପ୍ରିୟା ଜେନା ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ପରିବାରବର୍ଗ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ନେବା ବେଳେ ଦୁର୍ଭାଗ୍ୟବଶତଃ, ସେ ରାସ୍ତାରେ ହିଁ ଶେଷ ନିଶ୍ୱାସ ତ୍ୟାଗ କଲେ । ଏକମାତ୍ର ଝିଅର ଦେହାନ୍ତ ପରେ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏହି ଘଟଣା ଗଣମାଧ୍ୟମ କର୍ମଚାରୀଙ୍କ ନଜରକୁ ଆସିବା ପରେ ସେମାନେ ବିଜୁ ଜନତା ଦଳ ତଥା ଓଡ଼ିଶା- ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟଙ୍କୁ ଅବଗତ କରିଥିଲେ।

ଶ୍ରୀ ସାମନ୍ତରାୟଙ୍କଠାରୁ ସୂଚନା ପାଇବା ପରେ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଜ୍ୟୋତି ରଂଜନ ପ୍ରଧାନ ଏବଂ ଆଲୋକ ରଂଜନ ସାହୁ ପରିବାରବର୍ଗଙ୍କ ପାଖରେ ପହଞ୍ଚି ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ପରିବାରର ଅନୁରୋଧକ୍ରମେ, ଶେଷ ରୀତିନୀତି ପାଇଁ ମୃତ ଶରୀରକୁ ପୁରୀସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ଅନ୍ତିମ ସଂସ୍କାର ପାଇଁ ମୃତଦେହକୁ ଜନ୍ମମାଟିକୁ ପଠାଇଲା ଓଡ଼ିଶା-ମୋ ପରିବାର

ଗଳା କର୍କଟ ରୋଗରେ ପୀଡ଼ିତ ଜଗତସିଂହପୁର ଜିଲ୍ଲାର ୫୧ବର୍ଷିୟ ଅଜୟ କୁମାର ଦାସ କଟକର ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଅଜୟ କିନ୍ତୁ ବଞ୍ଚିପାରିଲେ ନାହିଁ। ମୃତକଙ୍କ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଅସହାୟ ପରିବାରବର୍ଗ ଓଡ଼ିଶା- ମୋ ପରିବାର ଉପଦେଷ୍ଟା (ଏନଆରଓ) ଶ୍ରୀ ସୁରେନ୍ଦ୍ର ନାଥ ମହାପାତ୍ରଙ୍କ ସହାୟତା ଲୋଡ଼ିଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ସୂଚନା ପାଇବା ପରେ ଶ୍ରୀ ମହାପାତ୍ର ଓଡ଼ିଶା-ମୋ ପରିବାରର ଆବାହକଙ୍କ ସହ ଆଲୋଚନା କରିଥିଲେ ଏବଂ ସଙ୍ଗେ ସଙ୍ଗେ ତୁରନ୍ତ ପଦକ୍ଷେପ ନିଆଯାଇ କଟକ ବଡ଼ ମେଡ଼ିକାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସ, ମୃତକଙ୍କ ପରିବାରବର୍ଗଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ସନ୍ତୋଷ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ପରିବାରକୁ ପରବର୍ତ୍ତୀ ହସ୍ପିଟାଲ ଆନୁଷଙ୍ଗିକ କାର୍ଯ୍ୟରେ ସାହାଯ୍ୟ କରିଥିଲେ ଏବଂ ମୃତଦେହକୁ ଡାକ୍ତରଖାନାରୁ ଜଗତସିଂହପୁରସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।

# କଟକରୁ ଜଗତସିଂହପୁରକୁ ମୃତଦେହ ସ୍ଥାନାନ୍ତରଣ ପାଇଁ ସହାୟତା

ଜଗତସିଂହପୁର ଜିଲ୍ଲାର ୬୯ବର୍ଷିୟ ସୁରେନ୍ଦ୍ରନାଥ ଖୁଣ୍ଟିଆ ଅନ୍ତନଳୀ ସମ୍ବନ୍ଧିୟ ରୋଗରେ ପିଡ଼ିତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ ।

ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଅସ୍ତ୍ରୋପଚାର ସମୟରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ଦୁର୍ଭାଗ୍ୟବଶତଃ, କିଛି ଦିନ ଚିକିତ୍ସିତ ହେବା ପରେ ସୁରେନ୍ଦ୍ର ବଞ୍ଚିପାରିଲେ ନାହିଁ। ପରିବାରବର୍ଗ ଆର୍ଥିକ ଚାପରେ ଥିବାରୁ ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା କରିବାରେ ଅସମର୍ଥ ହୋଇ ସନ୍ତୋଷଙ୍କ ସାହାଯ୍ୟ ଲୋଡ଼ିଥିଲେ ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ସନ୍ତୋଷ ଜଗତସିଂହପୁରସ୍ଥିତ ତାଙ୍କ ଜନ୍ମସ୍ଥାନକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

## ଚକ୍ଷୁ ପରୀକ୍ଷା ଶିବିର...

- ଓଡ଼ିଶା-ମୋ ପରିବାର ତତ୍ତ୍ୱାବଧାନରେ ଏବଂ ଏଲ.ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ମିଳିତ ସହଯୋଗରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଆର୍.ଟି.ଓ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର
- ୬୦ଜଣ ଟ୍ରକ ଡ୍ରାଇଭର ଚକ୍ଷୁ ପରୀକ୍ଷା କରାଇଲେ

ଚକ୍ଷୁ ପରୀକ୍ଷା ଶିବିର ମୂଳତଃ ଭାରୀ ଯାନ ଡ୍ରାଇଭରମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ପ୍ରାଥମିକ ପର୍ଯ୍ୟାୟରେ ୬୦ଜଣ ଟ୍ରକ୍ ଡ୍ରାଇଭର ଏହାର ପଦକ୍ଷେପର ପ୍ରାଥମିକ ହିତାଧିକାରୀ ଥିଲେ ଏବଂ ସେମାନଙ୍କର ଚକ୍ଷୁ ପରୀକ୍ଷଣ କରାଯାଇଥିଲା । ପରୀକ୍ଷା ପରେ ୩୧ ଜଣ ଟ୍ରକ୍ ଡ୍ରାଇଭରଙ୍କୁ ଚଷମା ଆବଶ୍ୟକ ଥିବାର ଚିହ୍ନଟ କରାଯାଇଥିଲା ଏବଂ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଅସ୍ତ୍ରୋପଚାର ପାଇଁ ହିତାଧିକାରୀ ଏଲ.ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନକୁ ଯାଇଥିଲେ ଏବଂ ବିନା ମୂଲ୍ୟରେ ଆବଶ୍ୟକୀୟ ସୁବିଧା ପାଇଥିଲେ । ଚଷମା ପାଇଁ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚଷମା ପ୍ରଦାନ କରାଯିବ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ



ଚିକିତ୍ସାଧୀନ ଅବସ୍ଥାରେ ରୋଗୀ

କିଡ଼ନୀ ରୋଗରେ ପୀଡ଼ିତ ଝାରସୁଗୁଡାର ୫୩ବର୍ଷିୟ ମକଡାଲି କିସାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭୀମସାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଚିକିତ୍ସା ଚାଲୁଥିବା ସମୟରେ ରୋଗୀ ପାଇଁ ୨ୟୁନିଟ୍ ବିରଳ AB + ve ରକ୍ତ ଆବଶ୍ୟକ ଥିଲା, ଯାହା ପରିବାରବର୍ଗ ଯୋଗାଡ଼ କରି ପାରିନଥିଲେ। ଧିରେନ୍ଦ୍ର ସେମାନଙ୍କୁ ରକ୍ତ ଯୋଗାଡ଼ କରି ଦେଇଥିଲେ ଏବଂ ଆବଶ୍ୟକ ସମୟରେ ରୋଗୀର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝୁଥିଲେ ।

ପେଟ ସଂକ୍ରମଣରେ ପୀଡ଼ିତ ମୟୂରଭଞ୍ଜ ଜିଲ୍ଲାର ୫୦ବର୍ଷିୟ ଶାନ୍ତନୁ କୁମାର ଦାସଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଚିକିତ୍ସା ଚାଲିଥିବା ସମୟରେ, ବିରଳ O-ve ରକ୍ତର ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ନପାରି ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ତୁରନ୍ତ ପଦକ୍ଷେପ ନେଇ ଉପଯୁକ୍ତ ସମୟରେ ରୋଗୀଙ୍କ ପାଇଁ ରକ୍ତ ଯୋଗାଡ଼ କରିଥିଲେ।



ରୋଗୀଙ୍କ ପତ୍ନୀ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି


ରୋଗୀଙ୍କ ସ୍ୱାମୀ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି

କୋରାପୁଟ ଜିଲ୍ଲାର ୩୫ବର୍ଷିୟ ବାସିନ୍ଦା ରାମ ହରିଜନ, ସିକିଲ ସେଲ ରୋଗରେ ପୀଡ଼ିତ ହୋଇ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ରୋଗୀ ପାଇଁ ବିରଳ AB+ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, କାରଣ ତାଙ୍କ ହିମୋଗ୍ଲୋବିନ୍ ବହୁତ କମି ଯାଇଥିଲା କିନ୍ତୁ ତାଙ୍କ ପରିବାରବର୍ଗ ରକ୍ତ ଯୋଗାଡ଼ କରିପାରିନଥିଲେ । ଏହି ଘଟଣା ବିଷୟରେ ସୂଚନା ପାଇବା ପରେ, ବୈକୁଣ୍ଠ ରକ୍ତ ଯୋଗାଡ଼ କରିବା ସହିତ ଚିକିତ୍ସା ସମୟରେ ରାମଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ

ଇଙ୍ଗୁଏନାଲ୍ ହର୍ନିଆ ରୋଗରେ ପୀଡ଼ିତ ବଲାଙ୍ଗୀର ଜିଲ୍ଲାର ୬୦ବର୍ଷୀୟ ବାସିନ୍ଦା ପୂର୍ଣ୍ଣାନନ୍ଦ ବାରିକଙ୍କୁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଅସ୍ତ୍ରୋପଚାର ପାଇଁ ରୋଗୀଙ୍କୁ ପରାମର୍ଶ ଦିଆଯାଇଥିଲା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଆଡ଼ମିଶନ ଏବଂ ଅସ୍ତ୍ରୋପଚାର ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ହିମାଂଶୁ ସାହାଯ୍ୟ କରିଥିଲେ।

କୋରାପୁଟ ଜିଲ୍ଲାର ବାସିନ୍ଦା ୧୭ବର୍ଷୀୟ ଡ଼ି. ହଣପତି ଘାସି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ବିଶାଖାପାଟଣାସ୍ଥିତ ମେଡିକୋଭର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀଙ୍କ ପାଖରେ ଉପସ୍ଥିତ ରହି ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେଇଥିଲେ । ପରେ, ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ରୋଗୀଙ୍କୁ ସାହାଯ୍ୟ କରିବା ସହିତ ରୋଗୀ ସୁସ୍ଥ ହୋଇ ଡିସ୍ଚାର୍ଜ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ ।


ଚିକିତ୍ସାଧୀନ ଅବସ୍ଥାରେ ରୋଗୀ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

କୋରାପୁଟ ଜିଲ୍ଲାର ୧୯ବର୍ଷୀୟ ବାଳକ ଜୋହାନ ସଗରିଆ, ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଜରୁରୀକାଳୀନ ଚିକିତ୍ସା ପରେ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ବିଶାଖାପାଟଣାସ୍ଥିତ ଅନୁ ହସ୍ପିଟାଲକୁ ପଠାଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା, ରୋଗୀ ପାଖରେ ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

ଚିକିତ୍ସା ଚାଲିଥିବା ସମୟରେ ରକ୍ତର ଆବଶ୍ୟକତା ଥିଲା ଏବଂ ପ୍ରକାଶ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେବା ସହିତ ଜୋହାନ ସୁସ୍ଥ ହୋଇ ଘରକୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ।

# ଆପାତକାଳରେ ରକ୍ତଦାନ



ପି.ଆର୍.ଏମ୍.ଏମ୍.ସି.ଏଚ୍., ବାରିପଦାରେ ଜଣେ କର୍କଟ ରୋଗୀଙ୍କ ପାଇଁ ହେଲ୍ପଡେସ୍କ ସହଯୋଗୀ ଶୁଭମଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼




ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର ଏମ୍ସରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ଆପୋଲୋ ହସ୍ପିଟାଲ, ଭୁବନେଶ୍ୱରରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର ସମ୍ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର ସମ୍ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର ସମ୍ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼

# କର୍ମକ୍ଷେତ୍ରରେ ସହାନୁଭୂତି:
# ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀମାନେ ଆବଶ୍ୟକ ସ୍ଥଳେ ନିଜେ ରକ୍ତଦାନ କରୁଛନ୍ତି

## ୧



ସୋମନାଥ ସ୍ୱାଇଁ ରକ୍ତ କର୍କଟ ରୋଗରେ ପୀଡ଼ିତ ଥିବା ଢେଙ୍କାନାଳର ୧୨ବର୍ଷିୟ ପ୍ରବୀଣ ନାୟକଙ୍କୁ ଭୁବନେଶ୍ୱରର ଏମ୍ସରେ ଉପଯୁକ୍ତ ସମୟରେ ଆବଶ୍ୟକ ଥିବା B+ve ୟୁନିଟ୍ ରକ୍ତଦାନ କରିଥିଲେ।

## ୨



ଯାଜପୁର ଜିଲ୍ଲାର ୫୬ବର୍ଷିୟ ରାମାମଣି ରାଉତଙ୍କର ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଅସ୍ତ୍ରୋପଚାର ଚାଲୁଥିବା ସମୟରେ ଆବଶ୍ୟକ ଥିବା ବିରଳ AB+ve ରକ୍ତ ପାଇଁ ନିଜେ ରକ୍ତଦାନ କରିଥିଲେ ଆଲୋକ ରଂଜନ ସାହୁ।

## ୩



ଜ୍ୟୋତି ରଂଜନ ପ୍ରଧାନ, ଡେଙ୍ଗୁରେ ପୀଡ଼ିତ ଥିବା କେଉଁଝରର ବାସିନ୍ଦା ଶ୍ରୀମତୀ ଦେବଶ୍ରୀ ବାରିକଙ୍କୁ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଉପଯୁକ୍ତ ସମୟରେ ଆବଶ୍ୟକ ଥିବା ଏସ.ଡ଼ି.ପି ଦାନ କରିଥିଲେ।

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା- ମୋ ପରିବାର, 'ଜୀବନବିନ୍ଦୁ' ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ଗତ ଜାନୁଆରୀ ମାସରେ ସମୁଦାୟ ୫୪୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




ଜିଲ୍ଲା ସ୍ତରରେ ହୋଇଥିବା ରକ୍ତ ସଂଗ୍ରହ




## ଶ୍ରେଷ୍ଠ ପ୍ରଦର୍ଶନକାରୀ
### ଜିଲ୍ଲା ସଂଯୋଜକ
ଜାନୁଆରୀ ୨୦୨୪



ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ

ବାଲେଶ୍ୱର - ୮୮୮ ୟୁନିଟ୍



ଶ୍ରୀ ସୁବାସ ମହାରଣା

ଗଞ୍ଜାମ - ୭୨୮ ୟୁନିଟ୍



ଶ୍ରୀ ଗୌରହରି ମିଶ୍ର

ବରଗଡ଼ - ୭୦୭ ୟୁନିଟ୍

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଜାନୁଆରୀ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୧୯୦ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ଶିବ ପ୍ରଧାନ | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | କଟକ |
| ୨ | ରମାମଣୀ ରାଉତ | ୫୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୩ | ପ୍ରଣତୀ ବିଶ୍ୱାଳ | ୪୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୪ | ଗୋପବନ୍ଧୁ ଦାସ | ୪୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୫ | ଟୁନି ମହାପାତ୍ର | ୫୨ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୬ | ବି. ମୋହିନୀ | ୩୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୭ | ଶାନ୍ତନୁ କୁମାର ଦାସ | ୫୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | କଟକ |
| ୮ | ହାଡ଼ିବନ୍ଧୁ ଦାସ | ୪୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୯ | ପ୍ରଫୁଲ୍ଲ କୁମାର ସାହୁ | ୭୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୧୦ | ଝରଣା ବେଗମ | ୪୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୧୧ | ପ୍ରଣତୀ ବେହେରା | ୩୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ଭୁବନେଶ୍ୱର |
| ୧୨ | ସମୀର ବାହାଦୂର | ୧୯ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |

# ସନ୍ତୋଷଙ୍କୁ ସମ୍ବର୍ଦ୍ଧନା

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ କଟକ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ୭୫ତମ ଗଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ, କଟକ ବଡ଼ ମେଡିକାଲରେ ଅସହାୟ ରୋଗୀଙ୍କୁ ନିଃସ୍ୱାର୍ଥପର ସେବା ପାଇଁ ଶ୍ରୀ ସନ୍ତୋଷ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ, ସେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ଏବଂ କଟକ ଶିଶୁ ଭବନରେ ରୋଗୀଙ୍କୁ ସାହାଯ୍ୟ କରନ୍ତି । ସେ କ୍ରମାଗତ ଭାବରେ ତାଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଅବଧିରୁ ଅଧିକ ସମୟ ରୋଗୀଙ୍କ ସେବାରେ ନିୟୋଜିତ କରନ୍ତି ।






# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ



ପୂର୍ବରୁ ପରେ

**୧** ଯାଜପୁର ଜିଲ୍ଲାର ୭୧ବର୍ଷିୟ ବାସିନ୍ଦା ସୁକାନ୍ତୀ ମୁଣ୍ଡା ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଯେଉଁଠାରେ ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଥିଲା । ଏକାଧିକ ହାଡ଼ ଭାଙ୍ଗିଯାଇଥିବା ହେତୁ ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା । କ୍ଷତ ନ ଶୁଖିବାରୁ ସମୟକ୍ରମେ ଏହା ସେପ୍ଟିକ୍ ହୋଇଗଲା ଏବଂ ସଂକ୍ରମଣ ବଢିବାକୁ ଲାଗିଲା । ସଂକ୍ରମଣ ଅନ୍ୟ ସ୍ଥାନକୁ ନ ବ୍ୟାପିବା ପାଇଁ ତାଙ୍କ ଗୋଡର ଆଣ୍ଠୁ ଉପରକୁ କାଟି ଦିଆଯାଇଥିଲା। ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ପରିବାରବର୍ଗ ବିଧାୟକ ଶ୍ରୀ ସୁଶାନ୍ତ ସିଂହଙ୍କ  ସହାୟତା ଲୋଡ଼ିଥିଲେ । ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟ ଘଟଣା ସମ୍ପର୍କରେ ଶ୍ରୀ ସିଂହଙ୍କ ଠାରୁ ସୂଚନା ପାଇବା ପରେ, ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ହିତାଧିକାରୀଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା । ସହାୟତାର ହାତ ବଢାଇ ଥିବାରୁ ସୁକାନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

**୨** ପୁରୀ ଜିଲ୍ଲା ନିମାପଡା ଅଞ୍ଚଳର ୮୩ବର୍ଷିୟ କୃଷକ ଜଗନ୍ନାଥ ଛାଟୋଇଙ୍କ ଶଗଡ଼ଗାଡ଼ିରେ ଚାଉଳ ପରିବହନ କରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୋଡ଼ରେ ଲାଗିଥିବା ଆଘାତ ଗୁରୁତର ସଂକ୍ରମଣ ହୋଇ କର୍କଟ ରୋଗରେ ପରିଣତ ହୋଇଥିଲା । ଦୁର୍ଭାଗ୍ୟବଶତଃ, ତାଙ୍କ ଡାହାଣ ଗୋଡ଼ର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା । ସେ ଜଣେ ସ୍ୱେଚ୍ଛାସେବୀ ଶ୍ରୀ ଗଗନ ପୈତାଲଙ୍କ ମାଧ୍ୟମରେ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ଜାଣିବା ପରେ ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବାକୁ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟଅନୁରୋଧ କରିଥିଲେ। ଏହାପରେ, ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ହିତାଧିକାରୀଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା । ସହାୟତାର ହାତ ବଢାଇ ଥିବାରୁ ଜଗନ୍ନାଥ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।



ପୂର୍ବରୁ ପରେ

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ସେମାନଙ୍କ ମଧ୍ୟରୁ, ମସ୍ତିଷ୍କ ଏବଂ ଗଳା କର୍କଟରେ ପୀଡ଼ିତ ଶ୍ରୀଧର ସାହୁ, ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ପୂର୍ଣ୍ଣିମା ବେହେରା ଏବଂ ସ୍ତନ କର୍କଟ ରୋଗରେ ପୀଡ଼ିତ ସନେୟୀ କରଙ୍କୁ ଚିକିତ୍ସା ପାଇଁ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶରେ ଏବଂ ଆବଶ୍ୟକୀୟ ବିଭିନ୍ନ ଡାକ୍ତରୀ ପରୀକ୍ଷାରେ ଆମ ସ୍ୱେଚ୍ଛାସେବୀମାନେ ସହାୟତା ପ୍ରଦାନ କରିଥିଲେ ।

ଗତ ଜାନୁଆରୀ ମାସରେ ଓଡ଼ିଶା-ମୋ ପରିବାର **୨୫** ଜଣ କର୍କଟ ରୋଗୀଙ୍କୁ ସହାୟତା କରିଥିଲା ତନ୍ମଧ୍ୟରୁ **୧୩** ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲକୁ ରେଫର୍ କରାଯାଇଥିଲା ଏବଂ ଜଣଙ୍କୁ ଅନ୍-ଲାଇନ୍ ଜରିଆରେ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରାଯାଇଥିଲା । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।



ପ୍ରଭାତି ଦାସ



ସାବିତ୍ରୀ ମହଲ



ମମତାରାଣୀ ସାହୁ

ସ୍ତନ କର୍କଟ ରୋଗରେ ପୀଡ଼ିତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଉପରୋକ୍ତ ରୋଗୀମାନଙ୍କୁ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ କୃତ୍ରିମ କେଶ ଯୋଗାଇ ଦିଆଯାଇଛି ।



## ଜାନୁଆରୀର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ବୈକୁଣ୍ଠ ମଣ୍ଡଳ

ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି।

ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି। ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସ୍ପିଟାଲରେ ଥିବା ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳଙ୍କୁ ଗତମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।

# ସାଧାରଣତନ୍ତ୍ର ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

୭୫ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ କଟକ, ଗଞ୍ଜାମ, ବରଗଡ, ଯାଜପୁର ଏବଂ କଳାହାଣ୍ଡିଠାରେ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା ଯେଉଁଠାରେ ସମୁଦାୟ **୧୩୯୦**ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।









ଏହା ବ୍ୟତୀତ ଓଡ଼ିଶା-ମୋ ପରିବାରର ହେଲ୍ପଡେସ୍କ ସହଯୋଗୀମାନେ ଉତ୍ସାହର ସହିତ ନିଜକୁ ସମାଜସେବା କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରି ବିଭିନ୍ନ ସ୍ଥାନରେ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।





୭୫ତମ ସାଧାରଣ ତନ୍ତ୍ର ଦିବସ ଅବସରରେ ଓଡ଼ିଶା-ମୋ ପରିବାର ଏବଂ ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, କଟକ ତରଫରୁ ଆୟୋଜତି ଏକ ରକ୍ତଦାନ ଶିବିରରେ କଟକ ବଡ଼ ମେଡ଼ିକାଲରେ ଅବସ୍ଥାପିତ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ରକ୍ତଦାନ କରି ମନ୍ତ୍ରୀ ଶ୍ରୀ ସୁଦାମ ମାରାଣ୍ଡି ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ ।






ହସ୍ପିଟାଲରେ ନିଜର ଦୈନନ୍ଦିନ କାର୍ଯ୍ୟ (ଡ୍ୟୁଟି)ରୁ କିଛି ସମୟ ବାହାର କରି ସେ ଅନେକ ସମୟରେ ନିଜକୁ କିଛି ନା କିଛି ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥାନ୍ତି ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଅବସ୍ଥାପିତ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ । ଏହିଥର ସାଧାରଣତନ୍ତ୍ର ଦିବସ ଅବସରରେ କୋରାପୁଟ ସ୍ଥିତ ଦୃଷ୍ଟି ବାଧିତ ବିଦ୍ୟାଳୟକୁ ଯାଇ ସେଠାରେ ଥିବା ଦୃଷ୍ଟିହୀନ ଛାତ୍ରମାନଙ୍କୁ ମିଷ୍ଟାନ୍ନ ବାଣ୍ଟିବା ସହିତ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ନୀରବ ନାୟକ

## ଶ୍ରୀମତୀ ନିବେଦିତା ଲେଙ୍କା



ସମାଜର ଅବହେଳିତ ତଥା ନିଷ୍ପାପ ଶିଶୁମାନଙ୍କୁ ନୂତନ ରାହା ଦେଖାଇବା ସହ ଉଦାହରଣ ସୃଷ୍ଟି କରିଛନ୍ତି ସମାଜସେବୀ ନିବେଦିତା ଲେଙ୍କା । କିଛି ପିଲାମାନଙ୍କ ପାଇଁ ସେ ସାଜିଛନ୍ତି ଯଶୋଦା ମା', ଘର ତାଙ୍କର ନୟାଗଡ଼ ଜିଲ୍ଲାରେ ହୋଇଥିବା ବେଳେ ବର୍ତ୍ତମାନ ସେ ନିଜ ପରିବାର ସହିତ ଭୁବନେଶ୍ୱରସ୍ଥିତ ନୀଳାଦ୍ରୀବିହାର ଅଞ୍ଚଳରେ ରହୁଛନ୍ତି,ରଣପୁରର ଏକ ଯୌଥ ପରିବାରରେ ଜନ୍ମି ସାମାଜିକ ପ୍ରତିବନ୍ଧକକୁ ଦୂର କରି ସେ ଉଚ୍ଚଶିକ୍ଷା ଲାଭ କରିଥିଲେ ଏବଂ କଳା କ୍ଷେତ୍ରରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ।




ନିଜର ଅଦମ୍ୟ ଇଚ୍ଛାଶକ୍ତି ଓ ସମାଜସେବା ଆଜି ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଶିକ୍ଷା ସମସ୍ତଙ୍କର ମୌଳିକ ଅଧିକାର, ଶିକ୍ଷାର ବିକାଶରେ ନିଜର ପରିବାର ତଥା ଦେଶର ବିକାଶ ସହଜ ହୋଇଥାଏ। ଏହାକୁ ବେଶ୍ ଆଗରୁ ଜାଣିଥିଲେ ନିବେଦିତା, ସେଥିପାଇଁ, ମୌଳିକ ଶିକ୍ଷାରୁ ବଞ୍ଚିତ ହୋଇଥିବା ଅନାଥ ଏବଂ ଅବହେଳିତ ଶିଶୁମାନଙ୍କ ପାଇଁ ସେ ସାଜିଛନ୍ତି ଦେବଦୂତ । ଠିକ୍ ଯଶୋଦା ମା' ଭଳି ସେମାନଙ୍କର ଯତ୍ନ ନେଇଥାନ୍ତି ।



ଯେତେବେଳେ ସେ ଏକ ଗଣମାଧ୍ୟମରୁ ତିନି ଅନାଥ ପିଲାଙ୍କ ବିଷୟରେ ଜାଣିଲେ ସେତେବେଳେ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା । ଏହି ଘଟଣାରେ ସେ କେବଳ ପିଲାମାନଙ୍କ ସୁରକ୍ଷା ପାଇଁ ନୁହେଁ ବରଂ ସେମାନଙ୍କ ଶିକ୍ଷା ଏବଂ ଭବିଷ୍ୟତ ପାଇଁ ମଧ୍ୟ ଦାୟିତ୍ୱ ନେବାକୁ ପ୍ରେରିତ ହୋଇଥିଲେ । ଏହିପରି ଭାବେ ସେ ଏକ ରୁ ଅନେକ ଅନାଥ ପିଲାମାନଙ୍କର ମା' ବନିଲେ । ସମାଜର ଅବହେଳିତ, ଗରିବ ତଥା ମେଧାବୀ ପିଲାଙ୍କ ପ୍ରତି ମନରେ ଥିବା ଅହେତୁକ ଦୁର୍ବଳତା ତାଙ୍କୁ ଟାଣିଆଣିଥିଲା ସମାଜସେବା ଦୁନିଆକୁ । ଏହି

> ମୁଁ ଜୀବନରେ ଯାହାବି କିଛି କରିଛି, ସବୁବେଳେ ମୋ ପରିବାର ମୋତେ ସମର୍ଥନ କରିଛି । ସମସ୍ତ ବଦାନ୍ୟ ବ୍ୟକ୍ତି,ସ୍ୱେଚ୍ଛାସେବୀ ଓ ଶିକ୍ଷା ଅନୁଷ୍ଠାନ ମାଧ୍ୟମରେ ମୁଁ ପିଲାମାନଙ୍କୁ ସାହାଯ୍ୟ କରେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ସର୍ବଦା ମୋ ମନରେ ପ୍ରେରଣା ଯୋଗାଏ । ଜୀବନରେ ମୋର ଗୋଟିଏ ଇଚ୍ଛା " ମୁଁ ଆମର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ଚରଣ ସ୍ପର୍ଶ କରିବି"
>
> **- ନିବେଦିତା ଲେଙ୍କା**

କୋମଳମତି ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ହିଁ ନିବେଦିତାଙ୍କ ଜୀବନର ମୂଳଲକ୍ଷ୍ୟ । ଯାହାକୁ ଏକ ଆହ୍ୱାନ ବୋଲି ଗ୍ରହଣ କରି ସେ ଆଗକୁ ବଢ଼ିଛନ୍ତି । ଶିକ୍ଷା ହିଁ ସମୟରେ ସୁଧାର ଆଣିବାର ଏକ ଯୁଗପଯୋଗୀ ଅସ୍ତ୍ର । ତେଣୁ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ନିବେଦିତାଙ୍କ ମନରେ ସୃଷ୍ଟି ହୋଇଥିଲା ଆଗ୍ରହ, ଆଉ ତା' ପରେ ଗୋଟିଏ ପରେ ଗୋଟିଏ ଉଦ୍ୟମକୁ ସଫଳ ରୂପାୟନ କରିଥିଲେ ନିବେଦିତା । ବିଭିନ୍ନ ବସ୍ତି ଅଞ୍ଚଳ ପରିଦର୍ଶନ କରି ଶିକ୍ଷା ପ୍ରତି ଆଗ୍ରହ ଥିବା ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଯୋଗାଇବା ପାଇଁ ସମସ୍ତ ଉଦ୍ୟମ କରନ୍ତି । ଗଣମାଧ୍ୟମରେ ମଧ୍ୟ ଶିକ୍ଷାରୁ ବଞ୍ଚିତ ହେଉଥିବା ପିଲାଙ୍କ ଖବର ଦେଖିବା ପରେ ତୁରନ୍ତ ପଦକ୍ଷେପ ନେଇ ସହାୟତାର ହାତ ବଢାଇଥା'ନ୍ତି । ଦୀର୍ଘ ୨୦ବର୍ଷର ଏହି ଯାତ୍ରାରେ ୪୦୦ରୁ ଉର୍ଦ୍ଧ୍ୱ ପିଲା ତାଙ୍କ ମାଧ୍ୟମରେ ଉପକୃତ ହୋଇଥିବା ବେଳେ ଅନେକ ଛାତ୍ରଛାତ୍ରୀ ଉଚ୍ଚ ପଦବିସ୍ଥ ଅଧିକାରୀ ହୋଇପାରିଛନ୍ତି ।




ନୀଳାଦ୍ରିବିହାରର ୫ଟି ବସ୍ତିରେ 'ବର୍ଣ୍ଣବୋଧ ପାଠଶାଳା' ନାମିତ ଚାଟଶାଳୀ ମାଧ୍ୟମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ସେ ନୈତିକ ଶିକ୍ଷା ପ୍ରଦାନ କରୁଛନ୍ତି । ଶ୍ରୀମତୀ ଲେଙ୍କା, ମୃତ୍ୟୁ ପରେ ତାଙ୍କ ଶରୀରକୁ ମଧ୍ୟ ଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି କାରଣ ସେ ବିଶ୍ୱାସ କରନ୍ତି ଯେ ତାଙ୍କ ଶରୀର ଅଭାବୀ ଲୋକଙ୍କୁ ସାହାଯ୍ୟ ଆକାରରେ ବ୍ୟବହାର କରାଯାଇପାରିବ। ସେ ଅନେକ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି ଏବଂ ଆବଶ୍ୟକ ସମୟରେ ରକ୍ତ ମଧ୍ୟ ଦେଇଛନ୍ତି ଏଭଳି ମହତ୍ ଚିନ୍ତାଧାରାକୁ ଓଡ଼ିଶା- ମୋ ପରିବାର ସମ୍ମାନ ଜଣାଇ ଶ୍ରୀମତୀ ନିବେଦିତା ଲେଙ୍କାଙ୍କୁ ଗତ ମାସର 'ନୀରବ ନାୟକ' ପୃଷ୍ଠାରେ ସମ୍ମାନିତ କରିଛି ।





# ଜୀବନବିନ୍ଦୁ କାର୍ଯ୍ୟକ୍ରମ

## “କରିବା ରକ୍ତଦାନ ବଞ୍ଚାଇବା ଜୀବନ”



ବାଲେଶ୍ୱର



ଗଞ୍ଜାମ




ବରଗଡ଼



ଯାଜପୁର



କଟକ



ନୟାଗଡ଼



କଳାହାଣ୍ଡି



ଭୁବନେଶ୍ୱର



କୋରାପୁଟ



# ଜୀବନବିନ୍ଦୁ କାର୍ଯ୍ୟକ୍ରମ

"କରିବା ରକ୍ତଦାନ ବଞ୍ଚାଇବା ଜୀବନ"



ସୁବର୍ଣ୍ଣପୁର



ଢେଙ୍କାନାଳ



ରାୟଗଡ଼ା



କେନ୍ଦ୍ରାପଡ଼ା



ସମ୍ବଲପୁର



ଅନୁଗୋଳ



ମୟୂରଭଞ୍ଜ



ରାଉରକେଲା



ଖୋର୍ଦ୍ଧା

# ସାମାଜିକ/ଡିଜିଟାଲ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର


















## ୪୧ ମାସରେ ୪ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ

ଓଡ଼ିଶା-ମୋ ପରିବାର, ଜୀବନବିନ୍ଦୁର ଉଲ୍ଲେଖନୀୟ ସଫଳତା

by Our Correspondent — 23 Jan, 2024- 09:45 PM in Latest News, News 1 min read

ଭୁବନେଶ୍ୱର: ଓଡ଼ିଶା-ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ୪୧ ମାସରେ ସଂଗ୍ରହ ହୋଇଛି ୪ଲକ୍ଷ ୟୁନିଟ୍ ରକ୍ତ । କେବଳ ଚଳିତ ବର୍ଷ ୧ଲକ୍ଷ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରମାନ ଆୟୋଜନ ହୋଇ ଏହି ରକ୍ତ ସଂଗ୍ରହ ହୋଇଛି ।

ଯେପରି ରକ୍ତ ବିନା ଓଡ଼ିଶାବାସୀଙ୍କ ଜୀବନ ବିପଦରେ ନପଡ଼ିବ, ଏହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି ଏବଂ ତାଙ୍କ ନେତୃତ୍ୱରେ ୨୦୨୦ ମସିହା ଅଗଷ୍ଟ ୯ ତାରିଖରେ ଓଡ଼ିଶା-ମୋ ପରିବାର ଅଧୀନରେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିପାଇଁ ପ୍ରତିବର୍ଷ, ରାଜ୍ୟବ୍ୟାପୀ ରକ୍ତଦାନ ଶିବିରମାନ ଆୟୋଜନ କରାଯାଉଛି । ସମଗ୍ର ରକ୍ତଭଣ୍ଡାରଗୁଡ଼ିକରେ ଆବଶ୍ୟକ ଷ୍ଟକ ବଜାୟ ରହିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ ରହିଛି । 'ଜୀବନବିନ୍ଦୁ' ମାଧ୍ୟମରେ ବର୍ଷ ତମାମ ରକ୍ତଦାନ ଶିବିରମାନ ଆୟୋଜନ କରି ବିଗତ ଦିନରେ ଏକ ମାଇଲଖୁଣ୍ଟ ହାସଲ ମଧ୍ୟ କରିଥିଲା ।

MIDDAY ODISHA

# ଆପଣଙ୍କ ମୁହଁରୁ

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ଯାଇଥିଲି । ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ନରେନ୍ଦ୍ର ସୁନା ମୋତେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷଣରେ ଏବଂ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



**ସରିତା ଲୁହା**
ବରଗଡ଼, 7077792773

ମୋ ସ୍ୱାମୀଙ୍କର ପେଟ ସଂକ୍ରମଣ ହୋଇଥିବାରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଯେଉଁଠାରେ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ମୁଁ ଯୋଗାଡ଼ କରିପାରିନଥିଲି । ମୁଁ ସନ୍ଦୀପଙ୍କୁ (ହେଲ୍ପଡେସ୍କ ସହଯୋଗୀ) ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



**ସ୍ମିତା ମହାନ୍ତି**
ମୟୂରଭଞ୍ଜ, 8455823203

ମୋ ପୁଅ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି ହୋଇଥିଲା । ତା' ଚିକିତ୍ସା ଚାଲିଥିବା ବେଳେ ଜରୁରୀ ରକ୍ତର ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ନିଜେ ମୋ ପୁଅ ପାଇଁ ରକ୍ତ ଦାନ କରିଥିଲେ ଏବଂ ହସ୍ପିଟାଲରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।



**ପ୍ରଦୀପ ନାୟକ**
ଢେଙ୍କାନାଳ, 7853883010

ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ତୋଷଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋ ଭାଇଙ୍କ ମୃତଦେହ ଆମ ଘରକୁ ସ୍ଥାନାନ୍ତର କରିବାକୁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।




**ଗଜେନ୍ଦ୍ର ଡାଙ୍ଗିଡ଼ି**
ରାୟଗଡ଼ା, 9348471240

ମୋ ବାପାଙ୍କର ହାର୍ଟ ସର୍ଜରି ପାଇଁ ତାଙ୍କୁ ଭାଇଜାଗସ୍ଥିତ ଅନୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ମୋ ବାପାଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



**ବୁଢା ପାତ୍ର**
ଗଞ୍ଜାମ,9090185230

ମୋ ମା' କିଡ଼ନୀ ଜନିତ ସମସ୍ୟାରେ ପୀଡ଼ିତ ହୋଇ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ମୁଁ ଯୋଗାଡ଼ କରି ପାରିନଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଧିରେନ୍ଦ୍ରଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ୨ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।



**ପରମ କିଶାନ**
ଝାରସୁଗୁଡ଼ା, 8114605320

ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ଔଷଧ କାଉଣ୍ଟରରୁ ଔଷଧ ଯୋଗାଡ଼ କରି ଦେଇଥିଲେ ।



**ଧନେଶ୍ୱର ରଣା**
ପୁରୀ, 9937980763

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଲୋକଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୁଁ ସୁସ୍ଥ ହେବା ପର୍ଯ୍ୟନ୍ତ ମୋତେ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇଦେଇଥିଲେ ।



**ସନ୍ତୋଷ କୁମାର ମିଶ୍ର**
ଭୁବନେଶ୍ୱର, 98619 37753

ମୋ ପୁଅର ହାର୍ଟ ସମସ୍ୟା ଥିବା ହେତୁ, ତାକୁ ମୁଁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



**ସୋବବନା ଆଗ୍ରିଆ**
କଳାହାଣ୍ଡି,9579665043

ମୋ ଗୋଡ଼ ସଂକ୍ରମଣ ହେତୁ ସେପ୍ଟିକ୍ ହୋଇଗଲା ଯାହା କ୍ୟାନ୍ସର ଆଡ଼କୁ ଗତି କରିଥିଲା । ଯାହା ଫଳରେ ମୁଁ ଗୋଡ଼ ହରାଇଲି । ମୋର ଏକ କୃତ୍ରିମ ଗୋଡ଼ ଆବଶ୍ୟକ ଥିଲା । କ୍ୟାପିଟାଲ୍ ହସ୍ପିଟାଲଭୁକ୍ତ ଏ.ଆର୍. ସି ମାଧ୍ୟମରେ କୃତ୍ରିମ ଗୋଡ଼ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ଓଡିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି।



**ଜଗନ୍ନାଥ ଛାଟୋଇ**
ପୁରୀ, 9178378998

# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ମନସ୍ୱିନୀ ଦାଶ 8917400700

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମ୍ସ, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ଅବିନାଶ ବାବୁ - ୯୯୦୧୪୪୬୪୯୮
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତିକା 9937699051
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342
ରଜତ ଅଗ୍ରୱାଲ 9437067999

## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ
8917400700